ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ଡିସେମ୍ବର ୧୧/୨୦୧୯ Rayagada, Wednesday, December. 11 / 2019

# ସରିଲା ମାଓବାଦୀଙ୍କ ପିଏଲଜିଏ ସପ୍ତାହ

ବ୍ରହ୍ମପୁର ଅଫିସ, ୧୦।୧୨: ମାଓବାଦୀଙ୍କ ଦ୍ୱାରା ଡାକରା ଦିଆଯାଇଥିବା ପିପୁଲସ ଲିବେରଶନ ଗରିଲା ଆର୍ମି (ପିଏଲଜିଓ) ସପ୍ତାହ ପାଳନ ଅବଧି ସରିଲା। ଏଣୁ ଓଡିଶା ରାଜ୍ୟ ପରିବହନ ନିଗମ ପକ୍ଷରୁ ଏବେ ସପ୍ତାହେ ଧରି ସରକାରୀ ବସ୍ ଚଳାଚଳ ବନ୍ଦ ରଖାଯାଇଥିବା ବେଳେ ତାହା ସ୍ୱାଭାବିକ ହୋଇଛି। ବ୍ରହ୍ମପୁର ଭାୟା ଗୁମୁଡ଼ା ହୋଇ ଯାଉଥିବା ସରକାରୀ ବସ୍‌ଗୁଡିକ ସ୍ୱାଭାବିକ ଭାବେ ଚଳାଚଳ କରୁଛି।




# ମା' ମାଉଳି ବାଲିଯାତ୍ରା ଉଦ୍‌ଯାପିତ

ଦାମନଯୋଡ଼ି,୧୦।୧୨(ଡି.ଏନ୍.ଏ.)

ନଭେମ୍ବର ୨୫ରୁ ସ୍ଥାନୀୟ କୁଡୁମୁଲ ଗ୍ରାମରେ ଚାଲିଥିବା ମା' ମାଉଳି ବାଲିଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଭଲ ଫସଲ, ଗାଈଗୋରୁ ନିରୋଗ ରହିବା ଓ ଗାଁଲୋକଙ୍କ ଭିତରେ ପ୍ରେମ, ଶାନ୍ତି ବଜାୟ ରଖିବା ପାଇଁ ପ୍ରତି ୩ ବର୍ଷରେ ଥରେ ମାଟି ଦେବତାଙ୍କୁ ପୂଜା କରାଯାଇଥାଏ। ୧୫ ଦିନ ଧରି ନାଚଗୀତର ଆସର ଜମିଛି। ମଙ୍ଗଳବାର ଉଦ୍‌ଯାପନୀ ସନ୍ଧ୍ୟାରେ ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ସାମାଜିକ କର୍ମୀ ଭଗବାନ ପେଟିଆ, କୋରାପୁଟ ବ୍ଲକ ଉପାଧ୍ୟକ୍ଷ ମୁରଲି ଖରା, ଆଦିବାସୀ ନେତା ଦାମୋଦର ଜାନି, ସମିତିସଭ୍ୟା ସୁମିତ୍ରା ଗୁଣ୍ଡା, ରେଲି ସାନ୍ତା, ବିଙ୍ଗୁ ଜାନି, ସଦା ନାୟକ, କ୍ଷୀରୋଦ ଚୌଧୁରୀ, ବିଜୟ ସାନ୍ତା ଯୋଗ ଦେଇଥିଲେ। ଏଥିରେ ନବରଙ୍ଗପୁର ଚୁରାହାଣ୍ଡିରୁ ଆସିଥିବା କଳାକାରଙ୍କ ଦ୍ୱାରା ଦାମ୍‌ଗୁରୁ ନିର୍ଦ୍ଦେଶିତ ନାଟକ 'ସରିଗଲା ପ୍ରେମ ରହିଗଲା ଦୁଃଖ' ମଞ୍ଚସ୍ଥ ହୋଇଥିଲା। ମା' ମାଉଳି ବାଲିଯାତ୍ରା କମିଟି ସଭାପତି ପ୍ରତାପ ଦାଣ୍ଡିଆ, ଅନ୍ୟ ସଦସ୍ୟ ଓ ଗ୍ରାମବାସୀ ଏହାର ପରିଚାଳନା କରିଥିଲେ।

# ୨୪ରୁ ଗୋପାଳପୁର ବେଳାଭୂମି ମହୋତ୍ସବ

ଛତ୍ରପୁର,୧୦।୧୨(ଡି.ଏନ.ଏ): ଚଳିତ ମାସ ୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଗୋପାଳପୁର ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହେବ । ଏଥିପାଇଁ ଗୋପାଳପୁର ବେଳାଭୂମି ମହୋତ୍ସବ କମିଟି, ଗଞ୍ଜାମ ଜିଲା ପ୍ରଶାସନ ଓ ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତି ଚାଲିଛି ।




# ୨ ଦିନରେ ୬ ଅପମୃତ୍ୟୁ

ଜୟପୁର,୧୦।୧୨(ନି.ପ୍ର.)

କୋରାପୁଟ ଜିଲାରେ ଗତ ୨ ଦିନରେ ୬ ଜଣ ଆତ୍ମହତ୍ୟା କରିବା ଘଟଣା ଏବେ ସମସ୍ତଙ୍କୁ ଚକିତ କରିଛି। ଏନେଇ ଜିଲାର ୬ଟି ଥାନା ଜୟପୁର ଟାଉନ, ଜୟପୁର ସଦର, ବୋରିଗୁମ୍ମା, ବୈପାରିଗୁଡ଼ା, କୋରାପୁଟ ଟାଉନ, ସୁନାବେଢ଼ା ଥାନାରେ ୭ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆତ୍ମହତ୍ୟା କରିଥିବା ବ୍ୟକ୍ତିଙ୍କ ଭିତରେ ମହିଳା, ସରକାରୀ କର୍ମଚାରୀ, ବ୍ୟବସାୟୀଓ ଯୁବକ ରହିଛନ୍ତି।

ସୋମବାର ବିଳମ୍ବିତ ରାତିରେ ଗୁପ୍ତେଶ୍ୱର ପୀଠରେ ଜଣେ ଯୁବକ ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ଗତ ୮ ତାରିଖରେ ଜୟପୁରରେ ଗୋଟିଏ ଦିନରେ ୨ଟି ଆତ୍ମହତ୍ୟା ଘଟଣା ଘଟିଥିଲା। ଏନ୍‌କେଟି ରୋଡରେ ରହୁଥିବା ସୌଜନ୍ୟାଲକ୍ଷ୍ମୀ (୩୬) ବେକରେ ଶାଢ଼ି ଦେଇ ଆତ୍ମହତ୍ୟା କରିଥିଲେ। ଏହା ପଛରେ ପାରିବାରିକ କଳହ ଥିବା ଅନୁମାନ କରାଯାଇଛି। ସେହିପରି ଜୟପୁର ସଦର ଥାନା ବିଷୋଇପୁଟରେ ବ୍ୟବସାୟ ସହ ପୁଟ୍ରା ସେବାଶ୍ରମରେ ପ୍ରଧାନଶିକ୍ଷକ ଥିବା ସୁବାସ ଚନ୍ଦ୍ର ସାବତ (୫୦) ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ। ଋଣଗ୍ରସ୍ତ ଥିବା ସେ ଏପରି କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସେହି ୮ ତାରିଖରେ କୋରାପୁଟ ଜିଲା ଶିକ୍ଷାଧିକାରୀଙ୍କ ବାସଭବନରେ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ୯ ତାରିଖରେ ସ୍ତ୍ରୀଙ୍କ ଗର୍ଭ ନଷ୍ଟ ଖବର ଶୁଣି ସେମିଳିଗୁଡ଼ାର ବାଦଲ ବେହେରା (୨୬) ଆତ୍ମହତ୍ୟା କରିଥିଲେ। ସେହିଦିନ ବୋରିଗୁମ୍ମା ଥାନା ପୂଜାରିପୁଟ ଗ୍ରାମରେ ଜୟପୁର ବାରିଣିପୁଟର ଯୁବକ ବିଶ୍ୱରଞ୍ଜନ ମହାପାତ୍ର ଆତ୍ମହତ୍ୟା କରିଥିଲେ। ସେହିପରି ଜୟପୁର ସଦର ଥାନା ବାରିଣିପୁଟ ରାସ୍ତାରେ ପଡ଼ି ଡ୍ରାଇଭର କାମ କରୁଥିବା ରାମ ସିଂ ଲାମା (୪୫)ଙ୍କ ମୃତ୍ୟୁ ହୋଇଥିଲା।




ଓଡ଼ିଆ ଚଳଚ୍ଚିତ୍ର ଓ ଟେଲିଫିଲ୍ମ ପୁରସ୍କାର

# ଜୟପୁର କଳାକାରଙ୍କୁ ୯ ପୁରସ୍କାର

ଜୟପୁର,୧୦।୧୨(ଡି.ଏନ୍.ଏ.)


ଶ୍ରେଷ୍ଠ କଳାକାର ଜୟନ୍ତ ସାନ୍ତ୍ରା

କୋରାପୁଟ ଜିଲାର ମୁଖ୍ୟ ସହର ଜୟପୁର ଦକ୍ଷିଣ ଓଡ଼ିଶା କଳାକାରଙ୍କ ପେଣ୍ଠସ୍ଥଳ ଭାବେ ପରିଚିତ। ମଙ୍ଗଳବାର ଓଡ଼ିଆ ଚଳଚ୍ଚିତ୍ର ଓ ଟେଲିଫିଲ୍ମ ପୁରସ୍କାର ଘୋଷଣା ଅବସରରେ ଜୟପୁର ସହରର କଳାକାରମାନେ ସମୁଦାୟ ୯ଟି ବିଭାଗରେ ପୁରସ୍କୃତ ହେବା ପାଇଁ ମନୋନୀତ ହୋଇଛନ୍ତି। ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ଶାନ୍ତିରାଜ ଖୋସ୍‌ଲା, ଟେଲିଫିଲ୍ମରେ ଜୟପୁର ଫିଲ୍ମ କମ୍ପାନୀ ଦ୍ୱାରା ନିର୍ମିତ 'ପେନସନ', ଶ୍ରେଷ୍ଠ କଳାକାର ଭାବେ ପେନସନ ଟେଲିଫିଲ୍ମର ମୁଖ୍ୟ ନାୟକ ଜୟନ୍ତ ସାମନ୍ତରାୟ, ଶ୍ରେଷ୍ଠ କାହାଣୀ ଭାବେ ପେନସନର ଲେଖକ ବିଶାଳ ପଟ୍ଟନାୟକ, ଜୟପୁର କଳାକାରଙ୍କ ଦ୍ୱାରା ପ୍ରସ୍ତୁତ ଶ୍ରେଷ୍ଠ ଆଦିବାସୀ ଭାଷାର ଟେଲିଫିଲ୍ମ 'କମଳି', ଏହାର ନାୟିକା ସୋନାଲି ଶ୍ରେଷ୍ଠ ଅଭିନେତ୍ରୀ, ଶ୍ରେଷ୍ଠ ସହଯୋଗୀ କଳାକାର ଭାବେ ମହମ୍ମଦ ବବୁଲୁ, ଶ୍ରେଷ୍ଠ ସ୍କ୍ରିନପ୍ଲେ ଭାବେ 'କମଳି' ଟେଲିଫିଲ୍ମର ଆତ୍ମାନନ୍ଦ ନାୟକ ଏବଂ ଶବ୍ଦରେ ଶରତଙ୍କୁ ମନୋନୀତ କରାଯାଇଛି । ଆସନ୍ତା ୨୦ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ସଂସ୍କୃତି ବିଭାଗ କାର୍ଯ୍ୟକ୍ରମରେ ସମସ୍ତେ ପୁରସ୍କୃତ ହେବେ। ଏନେଇ ଜୟପୁର ସହରର ଅନ୍ୟ କଳାକାର ଓ ଜନସାଧାରଣ କୃତୀ କଳାକାରଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଏପ୍ରିଲ ୨୯ରୁ ମା' କୁରେଈଶୁଣୀ ଠାକୁରାଣୀଙ୍କ ଘଟପର୍ବ

ପାରଳାଖେମୁଣ୍ଡି,୧୦।୧୨(ସ୍ୱ.ପ୍ର)

ପାରଳାଖେମୁଣ୍ଡି ଓଡିଆ ଭଣ୍ଡାରୀ ସାହିସ୍ଥିତ ମା' କୁରେଈଶୁଣୀ ଠାକୁରାଣୀଙ୍କ ଘଟ ପର୍ବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ଘଟ ପର୍ବ କିପରି ଆୟୋଜନ ହେବ ଏବଂ ତାର ରୂପରେଖ କିପରି ରହିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଆସନ୍ତା ଏପ୍ରିଲ୍ ୨୯ରୁ ଏହା ଆରମ୍ଭ ହୋଇ ମେ ୫ତାରିଖ ପର୍ଯ୍ୟନ୍ତ ଚାଲିବ। ସମସ୍ତେ ସମନ୍ୱୟ ରକ୍ଷା କରି ଏହାକୁ ସଫଳ କରିବାକୁ ମନ୍ଦିର କମିଟି ପକ୍ଷରୁ ଆହ୍ୱାନ କରାଯାଇଛି। ମା' କୁରେଈଶୁଣୀ ସହରର ପୁରାତନ ଏବଂ ପ୍ରସିଦ୍ଧ ଠାକୁରାଣୀ। ଧୁମ୍‌ଧାମରେ ଏହା ପାଳନ କରିବାକୁ ବୈଠକରେ ଆଲୋଚନା ହୋଇଛି। ବିଭିନ୍ନ ଆର୍ଥିକ ବ୍ୟୟ ଅଟକଳ କରାଯାଇଥିଲା। ବୈଠକରେ କମିଟି ସଭାପତି ଉଦୟ ବେହେରା, ଉପସଭାପତି ରମେଶ ପାଣିଗ୍ରାହୀ, ସମ୍ପାଦକ ସୁରେଶ ଚରତି, ବାବୁନା ବେହେରା, ସୁରେନ୍ଦ୍ର ମିଶ୍ର, ବାଳାନନ୍ଦ ରଥ, ଏନ୍.ପି.ପାତ୍ର, ପୂର୍ଣ୍ଣ ବେହେରା ଉପସ୍ଥିତ ଥିଲେ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


ଅତିଥିମାନେ ମଣ୍ଡେଇ ପୋଷ୍ଟରକୁ ଉନ୍ମୋଚନ କରୁଛନ୍ତି।


କଳାକାରମାନେ ଢେମସା ନୃତ୍ୟ ପରିବେଷଣ କରୁଛନ୍ତି।

**ବର୍ଷକର ଅପେକ୍ଷା ପରେ ପୁଣି ଆସିଛି ଲୋକପର୍ବ ମଣ୍ଡେଇ। ଲଳିତେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ମଣ୍ଡେଇର ଶୁଭାରମ୍ଭ କରାଯାଇଛି । ମଣ୍ଡେଇ ମଶାଲକୁ ବିରାଟ ଶୋଭାଯାତ୍ରାରେ ଅଣାଯିବା ସହ ସେଥିରେ ପାରମ୍ପରିକ ନୃତ୍ୟ ଓ ବାଦ୍ୟର ଝଲକ ଦେଖିବାକୁ ମିଳିଛି। ଏହି ପର୍ବକୁ ଉପଭୋଗ କରିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା।**


ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଲୋକ ମହୋତ୍ସବ ମଣ୍ଡେଇର ଶୁଭାରମ୍ଭ

# କଳା, ସଂସ୍କୃତିର ମହାନତା ମଣ୍ଡେଇ


କୃଷିକାର୍ଯ୍ୟ ଶେଷ ପରେ ଆଦିବାସୀଙ୍କ ନୃତ୍ୟ ଛାତ୍ରୀଛାତ୍ରମାନେ ପରିବେଷଣ କରୁଛନ୍ତି।


ଅତିଥିମାନେ ମଶାଲକୁ ସଭାମଞ୍ଚକୁ ନେଉଛନ୍ତି।


ପିଲାମାନେ ଆଦିବାସୀ ନୃତ୍ୟ ପରିବେଷଣ କରୁଛନ୍ତି।

**ନବରଙ୍ଗପୁର,୧୦।୧୨(ବି.ପ୍ର.)**

ନବରଙ୍ଗପୁର ଲୋକ ମହୋତ୍ସବ ମଣ୍ଡେଇର ମଙ୍ଗଳବାର ଶୁଭାରମ୍ଭ ହୋଇଛି। ନବରଙ୍ଗପୁର ବ୍ଲକ ଲଳିତାଦେଇପୁର ଶାସନ ଗାଁର ସମସ୍ତ ମନ୍ଦିରରେ ଅତିଥିମାନେ ପୂଜାର୍ଚ୍ଚନା କରିବା ପରେ ଲଳିତେଶ୍ୱର ମନ୍ଦିରରେ ପୁଜାର୍ଚ୍ଚନା କରାଯାଇ ମଣ୍ଡେଇ ଶୁଭାରମ୍ଭ କରାଯାଇଛି । ସେଠାରୁ ମଶାଲ ପ୍ରଜ୍ୱଳିତ କରି ଶୋଭାଯାତ୍ରାରେ ମଣ୍ଡେଇ ସଭାସ୍ଥଳକୁ ନିଆଯାଇଥିଲା । ପଲ୍ଲିଶ୍ରୀ ମେଳା ଉଦଘାଟନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଯୋଗ ଦେଇ ମଣ୍ଡେଇର ମହାନତା ସମ୍ପର୍କରେ କହିଥିଲେ । ଜିଲାର କଳା, ସଂସ୍କୃତି ଓ ପରମ୍ପରାକୁ ଲୋକଲୋଚନକୁ ଆଣିବା ପାଇଁ ମଣ୍ଡେଇ ମାଧ୍ୟମରେ ଉଦ୍ୟମ କରାଯାଉଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏମପି ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇ କହିଥିଲେ ଯେ, ମଣ୍ଡେଇ ଏବେ ବିଶ୍ୱ ଦରବାରରେ ପରିଚିତ ହୋଇ ପାରିଛି । ଆଦିବାସୀ ଲୋକକଳା ଓ ଲୋକ ସଂସ୍କୃତି ପୁନଃଉଦ୍ଧାର କରିବା ପାଇଁ ମଣ୍ଡେଇ ଉତ୍ସବ ପାଳନ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ କହିଥିଲେ ଯେ ମଣ୍ଡେଇର ସ୍ୱପ୍ନ କେତେ ସାକାର ହୋଇଛି ତାହା ଚିନ୍ତା କରିବାର ବେଳ । ଜିଲାର ବିକାଶ ପାଇଁ ମଣ୍ଡେଇ କରାଯାଉଛି । ବିକାଶ ସହିତ ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇବାକୁ ହେବ ବୋଲି କହିଥିଲେ । ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଜିଲାର ପରମ୍ପରାକୁ ପୁନଃଉଦଜିବିତ କରିବା ପାଇଁ ଏହା ଏକ ପ୍ରୟାସ । ଆମ ଜିଲାର ସଂସ୍କୃତି ଆମ ପରିଚୟ । ଆଦିବାସୀ ସଂସ୍କୃତି ମହାସଂସ୍କୃତି ବୋଲି କହିଥିଲେ । ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମଣ୍ଡେଇ ୧୮ ବର୍ଷ ହେବ ପାଳନ ହୋଇ ଆସୁଛି । ମଣ୍ଡେଇ ଏବେ ଗଣ ପର୍ବରେ ପରିଣତ ହୋଇଛି ବୋଲି କହିଥିଲେ । ଜିଲା ପରିଷଦ ଅଧ୍ୟକ୍ଷା ଭଗବତି ଭତରା ମଣ୍ଡେଇ ଏକ ଭାଇଚାରର ପର୍ବ ବୋଲି କହିଥିଲେ । ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ମଣ୍ଡେଇ ଏକ ମହାନ ପର୍ବ ବୋଲି କହିଥିଲେ । ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ଅଜିତ କୁମାର ମିଶ୍ର ଅଧ୍ୟକ୍ଷତାକରି ମଣ୍ଡେଇର ମହତ୍ୱ ସମ୍ପର୍କରେ କହିଥିଲେ । ମଣ୍ଡେଇ ମଞ୍ଚ ନିର୍ମାଣ ପାଇଁ ଏମପି ୫ ଲକ୍ଷ ଟଙ୍କା ଅନୁଦାନ ଦେବାକୁ ସହମିତି ପ୍ରକାଶ କରିଥିବା କହିଥିଲେ । ତେବେ ମଞ୍ଚପାଇଁ ଅଧିକ ଅର୍ଥ ଆବଶ୍ୟକ ଥିବାରୁ ଉଭୟ ଏମପି ଓ ବିଧାୟକ ଅନୁଦାନ ଯୋଗାଇବାକୁ କହିଥିଲେ। ଜିଲା ବିଜେଡି ସଭାପତି ପ୍ରହଲ୍ଲାଦ ତ୍ରିପାଠୀ, ଜିଲାପରିଷଦ ସଭ୍ୟ ବେଦବ୍ୟାସ ଭତ୍ରା, ବ୍ଲକ ଅଧ୍ୟକ୍ଷା ହିରାମଣି ପୂଜାରୀ, ଜିଲାପରିଷଦ ସଭ୍ୟା କମଳା ବିଷୋୟୀ, ସରପଞ୍ଚ ଚନ୍ଦ୍ରମା ମତରା, ସମିତି ସଭ୍ୟ ସୁକଦେବ ଭକ୍ତ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷା ମଞ୍ଜୁଳା ମାଝୀ, ଝାଡେଶ୍ୱର ଖାଡଙ୍ଗ, ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୂତାର, ପିଡିଡିଆରଡିଏ ରମାକାନ୍ତ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ବ୍ଲକ ଉପାଧ୍ୟକ୍ଷା ଅପରାଜିତା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ବିଡିଓ ଲଳିତ କୁମାର ମଣ୍ଡଳ ଧନ୍ୟବାଦ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଳ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ମଣ୍ଡେଇ ପୋଷ୍ଟର ଉନ୍ମୋଚନ କରାଯାଇଥିଲା । ମଞ୍ଚରେ ଥିୟଡର ପବ୍ଲିକ ସ୍କୁଲର ଛାତ୍ର ସୋରାଜ ଜାବିୟର ସୁନାଙ୍କୁ ସମ୍ମାନିତ କରାଯାଇଥିଲା। ସେ ୧୭ ବର୍ଷରୁ କମ ସର୍ବଭାରତୀୟ ଫୁଟବଲ ଟିମରେ ମନୋନୀତ ହୋଇଛନ୍ତି । ଅଗରତାଲା ଠାରେ ହେବାକୁଥିବା ମ୍ୟାଚରେ ଯୋଗ ଦେବେ । ଜିଲା ପକ୍ଷରୁ ମଞ୍ଚରେ ସମ୍ବର୍ଦ୍ଧନା କରାଯାଇଥିଲା। ଏହାପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ନାବାଳକ ମୃତ

**ଡାବୁଗାଁ,୧୦।୧୨(ଡି.ଏନ.ଏ.):** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଚେରଚେଟିଆଗୁଡା ଗ୍ରାମରେ ବିଦ୍ୟୁତ ଆଘାତରେ ସନାଧର ଭତ୍ରା (୧୭)ଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ଡାବୁଗାଁ ବ୍ଲକ ପୂଜାରିଗୁଡା ଗ୍ରାମର ସନାଧର ଚେରଚେଟିଆଗୁଡା ଗ୍ରାମରେ ଥିବା ନିଜ ଭିଣୋଇ କୈଳାସ ଭତ୍ରାଙ୍କ ଘରେ ପ୍ରାୟ ୩ ବର୍ଷ ହେଲା ରହି ଆସୁଥିଲେ। ମଙ୍ଗଳବାର ସକାଳ ୮ଟା ସମୟରେ ଘରେ ସନାଧର ଏକୁଟିଆ ଥିଲେ । ସନାଧର ମୋବାଇଲ ଚାର୍ଜ କରିବା ପାଇଁ ବିଦ୍ୟୁତ ବୋର୍ଡରୁ ଏକ ତାର ଯୋଗେ ଚାର୍ଜର ସହ ଯୋଡି ଚାର୍ଜ କରୁଥିବା ବେଳେ ତାଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ସେହି ସମୟରେ ସନାଧରଙ୍କ ଭଉଣୀର ଯାଆ ସନାଦେଇ ଭତ୍ରା ଝାଡୁ କରୁଥିବା ସମୟରେ ଦେଖିଥିଲେ ଯେ ସନାଧର ଘର ଭିତରେ ବସି ରହିଛନ୍ତି। ସନାଧରଙ୍କୁ ଡ଼ାକିଥିଲେ କିନ୍ତୁ ସେ ଶୁଣି ନ ଥିଲେ। ପରେ ସେ ଯାଇ ଦେଖିଥିଲେ ଯେ ସନାଧର ମୋବାଇଲ ଚାର୍ଜର ସହ ବିଦ୍ୟୁତ ତାରକୁ ଧରି ରହିଛି। ସେ ସଙ୍ଗେସଙ୍ଗେ ପାଟି କରିବାରୁ ପାଖରେ ଥିବା ଲୋକମାନେ ପହଞ୍ଚି ତାରକୁ ଟାଣି ଅଲଗା କରି ସନାଧରଙ୍କୁ ଉଦ୍ଧାର କରିଥିଲେ ।
ସେତେବେଳକୁ ସନାଧରଙ୍କ ମୃତ୍ୟୁ ହୋଇ ସାରିଥିଲା। ଏହାପରେ ସନଧରଙ୍କ ଘରକୁ ଖବର ଦେଇଥିଲେ। ସନାଧରଙ୍କ ବାପା ଜୟରାମ ଭତ୍ରା ଘଟଣାସ୍ଥଳରେ ପହଞ୍ଚିଥିଲେ । ଜୟରାମ ଡାବୁଗାଁ ଥାନାରେ ଏ ସମ୍ପର୍କରେ ଏତଲା ଦେଇଥିଲେ। ସବଇନ୍ସପେକ୍ଟର ଫକୀର ମୋହନ ଖୋରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗକୁ ହସ୍ତାନ୍ତର କରାଯାଇଛି । ଏ ନେଇ ଥାନାରେ ନଂ. ୩୮/୧୯ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ସନାଧରଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ୧୩ ଦିନ ଧରି କୋଡିଙ୍ଗା ବିକାଶ ପରିଷଦର ଧର୍ମଘଟ

# ପ୍ରତିଶ୍ରୁତି ପରେ ଧାରଣା, ଅନଶନ ପ୍ରତ୍ୟାହୃତ

**କୋଡିଙ୍ଗା,୧୦।୧୨(ଡି.ଏନ.ଏ.)**

ନବରଙ୍ଗପୁର ଜିଲା କୋଡିଙ୍ଗାଠାରେ ୩ଦଫା ଦାବି ନେଇ କୋଡିଙ୍ଗା ବିକାଶ ପରିଷଦ ପକ୍ଷରୁ ଦିଆଯାଇଥିବା ଧାରଣା ମଙ୍ଗଳବାର ପ୍ରତ୍ୟାହୃତ ହୋଇଛି। କୋଡିଙ୍ଗାରେ ସବଟ୍ରେଜେରି ସ୍ଥାପନା, ଯୁକ୍ତ ୩ ମହାବିଦ୍ୟାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ଏହି ୩ଟିଦାବିକୁ ନେଇ ଗତ ୨୮ ତାରିଖରୁ କୋଡିଙ୍ଗାରେ ପ୍ରତୀକ ଧର୍ମଘଟ ଆରମ୍ଭ ହୋଇଥିଲା। ଏହି ଧର୍ମଘଟକୁ ଜିଲାର ପ୍ରମୁଖ ୩ଟି ଦଳ ସମର୍ଥନ କରିଥିଲେ। କୋଡିଙ୍ଗା ଅଞ୍ଚଳର ସମସ୍ତ ବେସରକାରୀ ସଂଗଠନ ସମର୍ଥନ କରିଥିଲେ। ଧର୍ମଘଟର ୧୩ଦିନରେ ବିକାଶ ପରିଷଦ ପକ୍ଷରୁ ଅଞ୍ଚଳର ଦୋକାନ ବଜାର, ଗାଡି ବନ୍ଦ କରିବା ସାଙ୍ଗକୁ ଆମରଣ ଅନଶନ ଆରମ୍ଭ କରିଥିଲେ। ପରିଷଦର ସଦସ୍ୟ ସାହେବ ଚଲାଣ, ଜଗନ୍ନାଥ ନାଏକ, କୈଳାସ ଗୌଡ ଆମରଣ ଅନଶନରେ ବସିଥିଲେ। କୋଡିଙ୍ଗା ମୁଖ୍ୟସଡକ ଉପରେ ପ୍ରାୟ ୨୦୦ରୁ ଅଧିକ ଯାନବାହାନ ଠିଆ ହୋଇରହିଥିବା ଦେଖିବାକୁ ମିଳିଥିଲା । ସମସ୍ତ ଦୋକାନବଜାର ବନ୍ଦ ରହିଥିଲା । ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୂତାର, ଉପଜିଲାପାଳ ଭାସ୍କର ରଇତ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି, କୋଡିଙ୍ଗା ତହସିଲଦାର ସବ୍ୟସାଚି ଜେନା ଧାରଣାସ୍ଥଳରେ ପହଞ୍ଚିଥିଲେ। ବିକାଶ ପରିଷଦର ପ୍ରମୁଖ କାର୍ଯ୍ୟକର୍ତ୍ତା ଧରମ ସିଂ, ବଦ୍ରିନାରାୟଣ ସିଂ, ସାହେବ ଚଲାଣ, ଅରୁଣ ପ୍ରସନ୍ନ ନାଏକ, ବାବୁଲି ବାଘ, ଚିତ୍ତରଞ୍ଜନ ଦାସ, ଜଗନ୍ନାଥ ନାଏକ, ଘାସିରାମ ସ୍ୱାଇଁ ପ୍ରମୁଖଙ୍କ ସହିତ ଆଲୋଚନା କରିଥିଲେ । ପରିଷଦର ୩ଦଫା ଦାବିକୁ ଜିଲାପାଳ ଗୁରୁତ୍ୱର ସହିତ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସଂପୃକ୍ତ ୩ଟି ବିଭାଗକୁ ଚିଠି କରିଥିବା କହି ଚିଠିର ନକଲ ପ୍ରଦାନ କରିଥିଲେ। ଆଗାମୀ ୬ମାସ ଭିତରେ ଏହି ୩ଟି ଅନୁଷ୍ଠାନ କୋଡିଙ୍ଗାଠାରେ ପ୍ରତିଷ୍ଠା କରିବୁ ବୋଲି ବିଧାୟକ ଏବଂ ଏମପି ପ୍ରତିଶ୍ରୁତି ଦେଇଥିଲେ । ଏହା ପରେ ପରିଷଦ ଧର୍ମଘଟକୁ ପ୍ରତ୍ୟାହାର କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଆଗାମୀ ୬ମାସ ମଧ୍ୟରେ ଦାବି ପୂରଣ ନ ହେଲେ ପୁଣି ଥରେ ଧର୍ମଘଟ କରିବୁ ଏବଂ ପ୍ରଶାସନକୁ ଅଚଳ କରିଦେବୁ ବୋଲି ଚେତାବନୀ ଦେଇଥିଲେ। ଶେଷରେ ଅନଶନରେ ବସିଥିବା ୩ଜଣଙ୍କୁ ଅତିଥିମାନେ ଗ୍ଲୁକୋଜ ପାଣି ପିଆଇ ଅନଶନ ସମାପ୍ତ କରିଥିଲେ। କୋଡିଙ୍ଗା ପୋଲିସ ଥାନା ଅଧିକାରୀ ଭୀମସେନ ନାୟକଙ୍କ ପ୍ରତିନିଧିତ୍ୱରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।


କୋଡିଙ୍ଗାଠାରେ ରାସ୍ତାରୋକୋ ଯୋଗୁ ଯାନବାହନ ଅଟକି ରହିଛି।



କୋଡିଙ୍ଗା ବିକାଶ ପରିଷଦର ସଦସ୍ୟମାନେ ଧାରଣାରେ ବସିଛନ୍ତି।

# ବିଶ୍ୱ ମାନବାଧିକାର ଦିବସ ପାଳିତ

**ଚନ୍ଦାହାଣ୍ଡି, ୧୦।୧୨(ଡି.ଏନ.ଏ.)**

ଚନ୍ଦାହାଣ୍ଡି ବ୍ଲକ ଅଧୀନସ୍ଥ ଧୋଡିପାଣି ଏସଏସଡି ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ଚନ୍ଦାହାଣ୍ଡି ତାଲୁକ ଆଇନ ସେବା ପ୍ରାଧିକରଣ କମିଟି ଆନୁକୂଲ୍ୟରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଚନ୍ଦାହାଣ୍ଡି ଜେଏମଏଫସି ତଥା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ସୌଭାଗ୍ୟରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ସୁମନ୍ତ କୁମାର କୁଣ୍ଡୁ, ଶିକ୍ଷକ କୃଷ୍ଣଚନ୍ଦ୍ର ନାୟକ, ରୂପକେଶରୀ ମୁଣ୍ଡ, କୃଷ୍ଣଚନ୍ଦ୍ର ମହାପାତ୍ର, ଅଜୟ କୁମାର ରାଉତ, ସୁଷମା ମେହେର, ମନୋରଞ୍ଜନ କର, ସାସ୍ୱତି ପଣ୍ଡା, ଗୀତାଞ୍ଜଳି ପଣ୍ଡା, ଶ୍ୟାମଘନ ପାଣି, ସୁବାସ ଗୌଡ, ଆଇନଜୀବୀ ମନୋଜ ବାରିକ, ମହମ୍ମଦ ହୁସେନ, କ୍ଷେମରାଜ ବାଘ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଯେମିତି ମାନବାଧିକାର କ୍ଷୁଣ୍ଣ ନ ହୁଏ ସେଥିପାଇଁ ସମସ୍ତ ନାଗରିକ ସଚେତନ ରହିବା ଆଇନ ସହାୟତା ନେବା ପାଇଁ ମୁଖ୍ୟଅତିଥି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଜୟଦେବ ଖମାରୀ ପରିଚାଳନା କରିଥିବାବେଳେ ହୁମେଶ୍ୱର ହଂସ, ଭିଷ୍ମ ସୁନାନି, କେଶରୀ ମନହିରା, ସରୋଜ ପତି, ଶଙ୍କର ବାପି ମୁର୍ମୁ, ସର୍ବେଶ୍ୱର ପୂଜାରୀ ସହଯୋଗ କରିଥିଲେ।

# ସଚେତନତା ଶିବିର

**ନବରଙ୍ଗପୁର,୧୦।୧୨(ବି.ପ୍ର)**

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାପୁଜୀ ପବ୍ଲିକ ସ୍କୁଲ ପରିସରରେ ବିଶ୍ୱ ମାନବିକ ଅଧିକାର ଦିବସ ଅବସରରେ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଆର.କେଦାସ ଯୋଗ ଦେଇ ପିଲାମାନଙ୍କୁ ମାନବିକ ଅଧିକାର ଦିବସ ବିଷୟରେ ସଚେତନତା କରିଥିଲେ। ଦେୱାନୀ ଜଜ ଏସ. ଶୁଭଲକ୍ଷ୍ମୀ, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ପ୍ରସନ୍ନ ବେହେରା, ସମରେଶ ଗନ୍ତାୟତ, ସଲ୍ଲା ବାନୋ, ଅମନଉଲ୍ଲା ଖାନ ଯୋଗ ଦେଇଥିଲେ।


'ବାଃରେ ମଣିଷ' ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ

## ମଣ୍ଡେଇ ମଞ୍ଚ ନାଟକର ୩ୟ ସନ୍ଧ୍ୟା

# 'ବାଃରେ ମଣିଷ'ରେ ଜୀବନର ନିଚ୍ଛକ ଛବି

**ନବରଙ୍ଗପୁର,୧୦।୧୨(ବି.ପ୍ର.)**

ସ୍ଥାନୀୟ ଶାସ୍ତ୍ରୀଭବନ ଠାରେ ଲୋକ ମହୋତ୍ସବ ମଣ୍ଡେଇ ମଞ୍ଚ ନାଟକର ତୃତୀୟ ସନ୍ଧ୍ୟାରେ ନବରଙ୍ଗପୁର ପୌର ପାଳିକାର ପ୍ରାୟୋଜିତ ନାଟକ 'ବାଃରେ ମଣିଷ' ମଞ୍ଚସ୍ଥ ହୋଇଥିଲା। ଆଜି ସମସ୍ତେ କିଛି ନାକିଛି କାରଣକୁ ନେଇ ଦୁଃଖରେ ଜୀବନ ବିତାଉଛନ୍ତି। କିଏ ପୁଅ ଝିଅ ପାଇଁ ତ, ଆଉ କିଏ ମାଆ ବାପା ପାଇଁ ଓ କିଏ ଅନ୍ୟ ପାଇଁ ଦୁଃଖରେ ଜୀବନ ବିତାଉଛନ୍ତି। ମନକୁ ହାଲକା କରିବା ପାଇଁ ସମସ୍ତେ ଚାହାନ୍ତି ମନୋରଞ୍ଜନ । ଏକ ସତ୍ୟ ଘଟଣା ଉପରେ ଅଧାରିତ କାଳ୍ପନୀକ କାହାଣୀ 'ବାଃରେ ମଣିଷ' । ଏଠି ଅର୍ଥ ସର୍ବସ୍ୱ । ଏସମାଜରେ କିଛି ମଣିଷ ଅଲୋଡା ହୋଇ ପଡନ୍ତି ନିଜ ପରିବାର ପାଇଁ। ଶିକ୍ଷା, ସଭ୍ୟତା, ଆଧୁନିକତାର ସ୍ପର୍ଶ ଯୋଗୁ ଆମ ସଂସ୍କାର, ପରମ୍ପରା, ସଂସ୍କୃତି ବାଟ ବଣା ହୋଇ ପଡୁଛି। ଯାହାକି ବୟସର ଅପରାହ୍ନରେ ପହଞ୍ଚିଥିବା ମଣିଷକୁ ବ୍ୟଥିତ କରୁଛି। ମରି ପାରୁଛି ନାଁ ବଞ୍ଚି ପାରୁଛି । ଏହି ବିଷୟବସ୍ତୁକୁ ବ୍ୟଙ୍ଗାତ୍ମକ ଶୈଳୀରେ ନାଟକ ମାଧ୍ୟମରେ ମଞ୍ଚସ୍ଥ କରାଯାଇଥିଲା। ନାଟକ ରଚନା ଦେବଦାଶ ମହାକୁଡ଼, ପରିକଳ୍ପନା ଫାଲଗୁନୀ ପାତ୍ର, ମଞ୍ଚ ପରିଚାଳନା କାଳିକିଙ୍କର ପଟ୍ଟନାୟକ, ସହଯୋଗୀତା ଜି. ଭି.ଭି. ରଂଜୀତା, ଭୈରବ ସାହୁ, ନିର୍ଦ୍ଦେଶନାରେ ରାମ ସିଂ, ସଙ୍ଗୀତ ଯୁଗଳ ତ୍ରିପାଠୀ, ଅଶୋକ ମହାନ୍ତି, କଣ୍ଠରେ ନୀଳକଣ୍ଠ ବେହେରା, ଭୂମିକାରେ ରାମ ସିଂ, ଦେବଦାଶ, ସସ୍ମିତା ପଟ୍ଟନାୟକ, ଜି. ଭି.ଭି. ରବି ପ୍ରସାଦ, ଶ୍ରଦ୍ଧାଞ୍ଜଳୀ ସତନାମୀ, ଶୁଭଶ୍ରୀ ପାତ୍ର, ଦୁର୍ଗା ପ୍ରଧାନୀ ପ୍ରମୂଖ ରହିଥିଲେ । ମୁଖ୍ୟ ଅତିଥି ଭାବେ ଜିଲାପାଳ ଅଜିତ କୁମାର ମିଶ୍ର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୂତାର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଳ, ପୌର ନିର୍ବାହୀ ଅଧିକାରୀ ବିନୟ କୁମାର ପଟେଲ ପ୍ରମୂଖ ଉପସ୍ଥିତ ଥିଲେ ।

